## ସଂକ୍ଷେପରେ

### ୨୮ କିଲୋ ଗଞ୍ଜେଇ ଜବତ



**ଅନୁଗୋଳ ଅଫିସ, ୨।୪:** ଅନୁଗୋଳ ଅବକାରୀ ବିଭାଗ ହାତରେ ଜଣେ ଚୋରା ଗଞ୍ଜେଇ ବ୍ୟବସାୟୀ ଧରାପଡ଼ିଛନ୍ତି। ସେ ହେଲେ ବଅଁରପାଳ ଥାନା ତଳମୂଳ ଅଞ୍ଚଳର ରମେଶ ଚନ୍ଦ୍ର ନାଥ(୭୪)। ୨୮ କିଲୋଗ୍ରାମ ଗଞ୍ଜେଇ ଜବତ ପରେ ତାଙ୍କୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ତଳମୂଳ ଅଞ୍ଚଳରେ ଚୋରା ଗଞ୍ଜେଇ ବ୍ୟବସାୟ ଚାଲୁଥିବା ନେଇ ଅବକାରୀ ବିଭାଗ ନିକଟରେ ପୂର୍ବରୁ ସୂଚନା ରହିଥିଲା। ତେଣୁ ଅନୁଗୋଳ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡ୍ ଓ ସଦର ଅବକାରୀ ରେଞ୍ଜ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ରମେଶଙ୍କ ଘରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଥିଲା।

### ଝିଙ୍କ ମାଂସ ଜବତ, ଜଣେ ଗିରଫ



**ବଇଣ୍ଡା,୨।୪(ଡି.ଏନ.ଏ.):** ହଣ୍ଡପା ବନବିଭାଗ ପକ୍ଷରୁ ଗୁରୁବାର ଭୋରରୁ କୃଷ୍ଣପୁର ଗ୍ରାମରେ ଚଢ଼ାଉ କରାଯାଇ ରବି ପୋଢ଼ଙ୍କ ଘରୁ ୨ କେଜି ଝିଙ୍କ ମାଂସ ସହ କଟୁରି, ଟାଙ୍ଗିଆ ଜବତ କରାଯାଇଛି। ତାଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ବନବିଭାଗ କହିଛି, ରବି ଏକ ଝିଙ୍କ ମାରି ମାଂସ ବିକ୍ରି କରୁଥିଲେ। ଖବରପାଇ ବନବିଭାଗ କର୍ମଚାରୀ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

### ଜଳିଗଲା ୨ ବଖରା



**ବଇଣ୍ଡା/କଣିହାଁ,୨।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ରାଣୀବନ୍ଧ ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ମଞ୍ଜୁଲତା ବାଘଙ୍କ ୨ ବଖରା ଜଳିଯାଇଛି। ରୋଷେଇ ବେଳେ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଏଥିରେ ସମସ୍ତ ଆସବାବପତ୍ର ସହ ୧୫ ହଜାର ଟଙ୍କା, ଧାନ, ଚାଉଳ ନଷ୍ଟ ହୋଇଛି। ଖବରପାଇ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମ ସଭାପତି ଅନାମ ସ୍ୱାଇଁ ଦାବି କରିଛନ୍ତି। ସେହିପରି କଣିହାଁ ବ୍ଲକ ସମଲ ଗ୍ରାମ ମନ୍ଦିର ସାହିରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ସାହିର ସୁନାଚାନ୍ଦ ସାହୁଙ୍କ ପାଳଗଦା, ନଡ଼ାଗଦା ଜଳିଯାଇଛି। ଖବରପାଇ କଣିହାଁ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଚୋରା କୋଇଲା ଟ୍ରକ୍ ଜବତ

**ବଇଣ୍ଡା,୨।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ତଲେଇପଥର ଗ୍ରାମ ନିକଟରୁ ଶୁକ୍ରବାର ପୋଲିସ ଏକ ଦୁର୍ଘଟଣାଗ୍ରସ୍ତ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ କରିଛି। ପୋଲିସ କହିଛି, ଏକ ଟ୍ରକ୍ ଚୋରାରେ କୋଇଲା ବୋଝେଇ କରି ପାଇକସାହିରୁ ଆଠମଲ୍ଲିକ ଅଭିମୁଖେ ଆସୁଥିବାବେଳେ ତଲେଇପଥର ନିକଟରେ ଚାଳକ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ଦେଇଥିଲେ। ଦୁର୍ଘଟଣା ପରେ ଚାଳକ ଓ ହେଲପର ଫେରାର ହୋଇଯାଇଥିଲେ। ପୋଲିସ ଗାଡିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା,୨।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ନାଗାଝରଣ ଗ୍ରାମର ଫେରାର ଥିବା ଅଭିଯୁକ୍ତ ଚକ୍ରଧର ବେହେରାଙ୍କୁ ହଣ୍ଡପା ପୋଲିସ ଶୁକ୍ରବାର ତାଙ୍କ ଘରୁ ଗିରଫ କରିଛି। ପୋଲିସ କହିଛି, ଚକ୍ରଧରଙ୍କ ନାମରେ ଚଳିତ ବର୍ଷ ଗଞ୍ଜେଇ ଚାଷ କରିବା ନେଇ ଏକ ମାମଲା ଥିଲା। ସେ ଦୀର୍ଘ ଦିନ ହେବ ଫେରାର ଥିଲେ। ଘରେ ଥିବା ଖବର ପାଇ ହଣ୍ଡପା ଆଇଆଇସି ଲବ ବୋଡା ଚଢ଼ାଉ କରି ଗିରଫ କରିଥିଲେ। ଏ ନେଇ ନଂ. ୧୨/୨୧ରେ ମାମଲା କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସାକାର ହେଉନି ଚାଷୀଙ୍କ ସ୍ୱପ୍ନ

**ବଇଣ୍ଡା,୨।୪(ପରିକ୍ଷିତ ସାହୁ)**

ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ ହସି ଉଠିବ ଜମି। ବର୍ଷ ସାରା ଫଳିବ ସୁନାର ଫସଲ। ଦୂର ହେବ ଚାଷୀଙ୍କ ଦୁରବସ୍ଥା। ଦୀର୍ଘବର୍ଷ ହେଲା ୫ଟି ଜଳସେଚନ ପ୍ରକଳ୍ପକୁ ନେଇ ଏପରି ସ୍ୱପ୍ନ ଦେଖି ଆସୁଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକର ଚାଷୀମାନେ। ହେଲେ ନିର୍ମାଣ ଆରମ୍ଭ ତ ଦୂରର କଥା ଏ ନେଇ ଆନୁଷଙ୍ଗିକ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ବାରମ୍ବାର ସରକାରଙ୍କ ପକ୍ଷରୁ ସର୍ଭେ ଓ ବ୍ୟୟ ଅଟକଳ କରାଯାଉଥିଲେ ମଧ୍ୟ ପଦକ୍ଷେପ ସେତିକିରେ ଅଟକି ଯାଇଛି। ଫଳରେ ବ୍ଲକର ପ୍ରାୟ ୧୫ ହଜାର ହେକ୍ଟର ଜମିକୁ ଜଳସେଚିତ କରାଯାଇ ପାରୁ ନ ଥିବାବେଳେ ଚାଷୀମାନଙ୍କ ସ୍ୱପ୍ନ ସାକାର ହୋଇପାରୁ ନାହିଁ।

ପ୍ରକାଶ ଯେ, କିଶୋରନଗର ବ୍ଲକର ବାମୁର ପଞ୍ଚାୟତରେ ସୁରେଶ୍ୱରୀ, ଆମ୍ବପାଳ ପଞ୍ଚାୟତରେ ରଜାମୁଣ୍ଡା, ବିଲେଇନାଳୀ ପଞ୍ଚାୟତରେ ଧଉରାଗୋଠ, ଝରାବେରେଣୀ ପଞ୍ଚାୟତରେ ଗଦଗଦା ଓ ନୁନୁକାପଶି ପଞ୍ଚାୟତରେ ଗୁମୁଖି ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ସୁରେଶ୍ୱରୀ ପ୍ରକଳ୍ପ ନିର୍ମାଣ ପାଇଁ ୧୯୨୮ରେ ଆଠମଲ୍ଲିକ ରାଜା ଆଡିବନ୍ଧ ନିର୍ମାଣ କରିଥିଲେ। ୨୦୦୪ ମସିହାରେ ସରକାରଙ୍କ ପକ୍ଷରୁ ବାମୁର ପଞ୍ଚାୟତର ଚାନ୍ଦିଆମ୍ବତଳାଠାରେ ଭୂମିପୂଜା କରାଯାଇଥିଲା। ଏହି ପ୍ରକଳ୍ପ ନିର୍ମାଣ ହୋଇଥିଲେ ବାମୁର, ଧଉରାପାଲି, ଜଏରାଟ, ଓସ୍କାପାଲି, ରଣିଆକଟା ଓ କଦଳୀମୁଣ୍ଡା ପଞ୍ଚାୟତର ୫ ହଜାର ୪୦୨ ହେକ୍ଟର ଜମିକୁ ଜଳସେଚନ କରାଯାଇପାରିଥାନ୍ତା। କିନ୍ତୁ ସର୍ଭେରେ ହିଁ କାର୍ଯ୍ୟ ଅଟକି ଯାଇଛି। ସେହିପରି ଧଉରାଗୋଠ ପ୍ରକଳ୍ପ ନିର୍ମାଣ ପାଇଁ ୧୯୭୦ରେ ସରକାର ଚିନ୍ତା କରିଥିବାବେଳେ ୨୦୦୦ ମସିହା ପରଠାରୁ ବାରମ୍ବାର ସର୍ଭେ କରାଯାଇଛି। ୧୯୯୮ ଓ ୨୦୦୮ରେ ବ୍ୟୟ ଅଟକଳ ମଧ୍ୟ କରାଯାଇଛି। ଏହି ପ୍ରକଳ୍ପ ହୋଇପାରିଥିଲେ ଆଠମଲ୍ଲିକ ବ୍ଲକର ପେଡିପଥର, କୃତ୍ତିବାସପୁର, କୁରୁମଟାପ, ଠାକୁରଗଡ଼, କିଶୋରନଗର ବ୍ଲକର ଲୁହାମୁଣ୍ଡା, ଗାଁବଇଣ୍ଡା, ବିଲେଇନାଳୀ ପଞ୍ଚାୟତର ୬ ହଜାର ୨ଶହ ହେକ୍ଟର ଜମିକୁ ପାଣି ମାଡ଼ିଥାନ୍ତା। ସେହିପରି ନୁନୁକାପଶି ପଞ୍ଚାୟତର ଗୁମୁଖି ନାଳ ଉପରେ ଜଳସେଚନ ପ୍ରକଳ୍ପ ହୋଇଥିଲେ ୬୫୯ ହେକ୍ଟର ଜମିକୁ ଜଳ ମାଡ଼ିପାରିଥାନ୍ତା। ୨୦ ବର୍ଷ ଧରି ଦାବି ପରେ ଗତ ଫେବୃୟାରୀ ୨୮ ତାରିଖରେ ଏଥିପାଇଁ ସର୍ଭେ କରାଯାଇଛି। ଆମ୍ବପାଳ ପଞ୍ଚାୟତର ରଜାମୁଣ୍ଡା ନାଳ ଉପରେ ଜଳସେଚନ ପ୍ରକଳ୍ପ ପାଇଁ ୧୯୯୯ ଠାରୁ ଦାବି କରାଯାଉଛି। ଏହି ପ୍ରକଳ୍ପ ଯୋଗୁ ୯୮୦ ହେକ୍ଟର ଜମି ଜଳସେଚିତ ହୋଇପାରିବ। ସେହିପରି ଝରାବେରେଣୀ ପଞ୍ଚାୟତର ଗଦଗଦା ନାଳ ଉପରେ ପ୍ରକଳ୍ପ ନିର୍ମାଣ ପାଇଁ ୨୦୦୫ରୁ ଦାବି କରାଯାଉଛି। ଏଥିଯୋଗୁ ଝରାବେରେଣୀ, ଧଡ଼ରପାଳ ଓ ହିମିତିରା ପଞ୍ଚାୟତର ୨୨୫୬ ହେକ୍ଟର ଜମିକୁ ଜଳ ଯାଇପାରିଥାନ୍ତା। କିନ୍ତୁ ବାରମ୍ବାର ଆନ୍ଦୋଳନ କରାଯାଉଥିଲେ ମଧ୍ୟ ଉପରୋକ୍ତ ୫ଟି ଜଳସେଚନ ପ୍ରକଳ୍ପ ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି।



ବାମୁର ପଞ୍ଚାୟତର ପ୍ରସ୍ତାବିତ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ସ୍ଥାନରେ ଥିବା ଝରଣା।

- ସର୍ଭେରେ ଅଟକିଛି ୫ ଜଳସେଚନ ପ୍ରକଳ୍ପ
- ଜଳସେଚିତ ହୋଇପାରୁନି ୧୫ ହଜାର ହେକ୍ଟର
- କିଶୋରନଗର ବ୍ଲକରେ ବଢ଼ୁଛି ଅସନ୍ତୋଷ

### ମରୁଡ଼ିର ସମ୍ମୁଖୀନ ହେଉଛୁ



"ରାଜାଙ୍କ ସମୟରୁ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଚାଷୀମାନେ ସ୍ୱପ୍ନ ଦେଖିଥିଲେ। ମୁଖ୍ୟମନ୍ତ୍ରୀ ମଧ ଘୋଷଣା କରିଥିଲେ। କିନ୍ତୁ ଏଯାଏ ପଦକ୍ଷେପ ନିଆଯାଉ ନାହିଁ। ଜମିକୁ ଆବଶ୍ୟକ ପାଣି ମିଳୁ ନ ଥିବାରୁ ମରୁଡ଼ିର ସମ୍ମୁଖୀନ ହେଉଛୁ।

**-ତୀର୍ଥବାସୀ ଭୋଇ, ଜୀବନଜୀବିକା କମିଟି ସଦସ୍ୟ**

### ଶୀଘ୍ର ପ୍ରକଳ୍ପ ନିର୍ମାଣ କରାଯାଉ



"ଧଉରାଗୋଠ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ୫୦ ବର୍ଷ ତଳେ ସରକାର ଚିନ୍ତା କରିଥିଲେ। ଏଥିପାଇଁ ପରିବେଶ ମଞ୍ଜୁରୀ ମିଳିସାରିଛି। ପଲ୍ଲିସଭାରେ ବିରୋଧ ଯୋଗୁ କାର୍ଯ୍ୟ ଆଗେଇପାରୁ ନାହିଁ। ସରକାର ଶୀଘ୍ର ନିର୍ମାଣ ଦିଗରେ ପଦକ୍ଷେପ ନିଅନ୍ତୁ।

**-ଭଗବାନ ସାହୁ, ସଭାପତି, ଧଉରାଗୋଠ ଜଳସେଚନ କମିଟି**

### କେବଳ ସରକାରଙ୍କ ନିର୍ବାଚନୀ ଘୋଷଣା



"କିଶୋରନଗର ବ୍ଲକରେ ୫ଟି ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଥିଲେ କୃଷି ଓ କୃଷକଙ୍କ ବିକାଶ ହୋଇଥାନ୍ତା। କିନ୍ତୁ ଭୋଟ ହାତେଇବା ପାଇଁ ସରକାର ଏପରି ଘୋଷଣା କରି ନୀରବ ରହିଯାଉଛନ୍ତି। ତୁରନ୍ତ ଏସବୁ ପ୍ରକଳ୍ପ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଉ।

**-ଭାଗୀରଥି ପ୍ରଧାନ, ଭାଜପା ନେତା**

### ସରକାର ତତ୍ପର ଅଛନ୍ତି



"ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସରକାର ତତ୍ପର ଅଛନ୍ତି। ଧଉରାଗୋଠ ପାଇଁ ପଲ୍ଲିସଭା ବାଧକ ସାଜିଛି। ସୁରେଶ୍ୱରୀ ପାଇଁ ପରିବେଶ ମଞ୍ଜୁରୀ ମିଳିନି। ପୁଣିଥରେ ପଲ୍ଲିସଭା କରାଯିବାକୁ ପ୍ରସ୍ତୁତି ହେଉଛି। ପରିବେଶ ଅନୁମତି ଆବେଦନ କରାଯାଇଛି।

**-ରମେଶ ଚନ୍ଦ୍ର ସାଏ, ବିଧାୟକ**

### ଚାଷ କାର୍ଯ୍ୟ ଆଗେଇପାରୁନି



"ଜମିକୁ ପାଣି ମିଳୁନି। ଦରକାର ବେଳେ ବର୍ଷା ହେଉନି। ତେଣୁ ଚାଷ କାର୍ଯ୍ୟ ଆଗେଇପାରୁ ନାହିଁ। ୩୦ ବର୍ଷ ହେଲା ପ୍ରକଳ୍ପ ହେବ ବୋଲି ଶୁଣିଆସୁଛୁ। ଶିଳ୍ପ ଉପରେ ସରକାର ଧ୍ୟାନ ଦେଉଥିବା ବେଳେ କୃଷି କ୍ଷେତ୍ର ପ୍ରତି ଅବହେଳା କରୁଛନ୍ତି।

**-ଫୁଲ ପ୍ରଧାନ, ଚାଷୀ**

### ଅଗ୍ରଗତି ପାଇଁ ଅବଗତ କରାଯିବ



"ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପ୍ରତିଟି ଦାବି ସମ୍ପର୍କରେ ସରକାରଙ୍କୁ ଜଣାଇ ଦିଆଯାଇଛି। ତୁରନ୍ତ କିଭଳି ଏହି ପ୍ରକଳ୍ପଗୁଡ଼ିକର କାମ ଅଗ୍ରଗତି ହେବ ସେ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ।

**-ଲଳିତମୋହନ ବେହେରା, ଉପଜିଲାପାଳ, ଆଠମଲ୍ଲିକ**

## ଦୁଇ ଦିନରେ ୩୬ ପଜିଟିଭ୍

**ଅନୁଗୋଳ ଅଫିସ, ୨।୪**

ଅନୁଗୋଳ ଜିଲାରେ ଶୁକ୍ରବାର ୧୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ହଜାର ୫୩୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ଧରେ ବଅଁରପାଳ ଅଞ୍ଚଳରୁ ୫ ଜଣ, ଛେଣ୍ଡିପଦା ବ୍ଲକରୁ ୪, ଅନୁଗୋଳ ପୌରାଞ୍ଚଳରୁ ୩ ଓ ତାଳଚେର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଗୁରୁବାର ଜିଲାରୁ ସର୍ବାଧିକ ୨୩ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଛେଣ୍ଡିପଦା ବ୍ଲକରୁ ୧୦, ବଅଁରପାଳ ବ୍ଲକରୁ ୩, ପାଲଲହଡ଼ା ବ୍ଲକରୁ ୩, ତାଳଚେରରୁ ୪, ଅନୁଗୋଳରୁ ୨ ଓ କଣିହାଁ ବ୍ଲକରୁ ଜଣେ ରହିଥିଲେ। ଗୁରୁବାର କରୋନାରୁ ୪ ଜଣ ସୁସ୍ଥ ହୋଇଥିଲେ।

## ଚୋରି ଅଭିଯୁକ୍ତ ଗିରଫ

**କଣିହାଁ,୨।୪(ଡି.ଏନ.ଏ.)**

ଟୁଲ ପମ୍ପ ଚୋରି ଅଭିଯୋଗରେ କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ୍ ସାଇଟ ଥାନା ପୋଲିସ ଶୁକ୍ରବାର ଦେବଗଡ଼ ଜିଲା ଅଞ୍ଚଳର ସରୋଜ ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ରେଙ୍ଗାଲି ଡ୍ୟାମ୍ ସାଇଟରେ ରହୁଥିବା ବଜ୍ରକୋଟ ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ସୌମ୍ୟରଞ୍ଜନ ବାବୁଙ୍କ ଟୁଲ ପମ୍ପ ଗୁରୁବାର ରାତିରେ ଚୋରି ହୋଇଥିଲା। ଏ ନେଇ ସୌମ୍ୟରଞ୍ଜନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୬/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସରୋଜଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସରୋଜକାନ୍ତ ସାମଲ କହିଛନ୍ତି।

## ଡ୍ରେନ୍ ନିର୍ମାଣ ନିମ୍ନମାନର ଅଭିଯୋଗ



ବଇଣ୍ଡା ଛକ ଅଞ୍ଚଳରେ ଠିକା ସଂସ୍ଥା ପକ୍ଷରୁ ଚାଲିଥିବା ନିର୍ମାଣ କାର୍ଯ୍ୟ।

**ବଇଣ୍ଡା,୨।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଛକ ଅଞ୍ଚଳରେ ଠିକାସଂସ୍ଥା ପକ୍ଷରୁ ଚାଲିଥିବା ଡ୍ରେନ୍ ନିର୍ମାଣ କାମ ନିମ୍ନମାନର କରାଯାଉଥିବା ବଇଣ୍ଡା ଗ୍ରାମବାସୀ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଠିକାସଂସ୍ଥା ପକ୍ଷରୁ କିଛିଦିନ ହେବ ଡ୍ରେନ୍ ନିର୍ମାଣ କରାଯାଉଛି। ଠିକ୍ ଭାବେ କାମ କରାଯାଉ ନ ଥିବା ବେଳେ ଡ୍ରେନ୍ ଉପରେ ପକାଯାଉଥିବା ସ୍ଲାବ୍‌ଗୁଡିକ ନିର୍ମାଣର କିଛିଦିନ ପରେ ଫାଟି ଆଁ ହୋଇଯାଉଛି। ସେହିପରି ବହୁ ଲୋକଙ୍କ ଘର ସମ୍ମୁଖରେ ଗର୍ତ୍ତ ଖୋଳା ଯାଉଥିବାବେଳେ ସେ ଗୁଡିକରେ କାମ କରାଯାଉ ନାହିଁ। ଫଳରେ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେନ୍ କାମ ଶୀଘ୍ର ସାରିବା ସହ ନିମ୍ନମାନର କାମର ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଠିକାସଂସ୍ଥାର ପରିଚାଳକ ଗେଲିଡେବରା ପଦ୍ମନାଭମ କହିଛନ୍ତି, ଖୁବ୍‌ଶୀଘ୍ର ଡ୍ରେନ କାମ ସମାପ୍ତ କରାଯିବ।

## ବାଲିପଟାରେ ମିଶ୍ରଣ ପର୍ବ

**ଛେଣ୍ଡିପଦା,୨।୪(ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିପଟା ହାଟପଡିଆଠାରେ ଶୁକ୍ରବାର ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଦଳର ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଭାଜପା ଉପଦେଷ୍ଟା ଗତିକୃଷ୍ଣ ପ୍ରଧାନ, ପ୍ରଧାପକ ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାଲିପଟା, କତଡା, ଜେରେଙ୍ଗଦେହୁରୀସାହି, ଜରପଡା, ପରା, ଡୁକୁଡା, କୋରଡା ଏବଂ ଶିମିଳିପାଳ ପଞ୍ଚାୟତର ୪୦୦ରୁ ଅଧିକ କଂଗ୍ରେସ ଏବଂ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ସୁଦୀପ ଗଡନାୟକ ଧନ୍ୟବାଦ ଦେଇଥିଲେ।

## ପଞ୍ଚଦୋଳରେ ଲଉଡ଼ି ଖେଳ



ରାଧାକୃଷ୍ଣଙ୍କ ପଞ୍ଚ ଦୋଳ ଉତ୍ସବ ଅବସରରେ ବନ୍ଦା ଗ୍ରାମରେ ଲଉଡ଼ି ଖେଳ ପ୍ରଦର୍ଶନ କରାଯାଉଛି।

**ବଅଁରପାଳ,୨।୪(ଡି.ଏନ.ଏ.)**

ବଅଁରପାଳ ବ୍ଲକ ବନ୍ଦା ଗ୍ରାମରେ ଶୁକ୍ରବାର ରାଧାକୃଷ୍ଣଙ୍କ ପଞ୍ଚ ଦୋଳ ଉତ୍ସବ ପାଳିତ ହୋଇଛି। ଗ୍ରାମ ଶିବ ମନ୍ଦିରରେ ପୂଜାର୍ଚ୍ଚନା ପରେ ଲଉଡି ଖେଳ, ଘଣ୍ଟ ବାଦ୍ୟ ସହ ବିଭିନ୍ନ ବାଜଣା ସହକାରେ ସୁସଜ୍ଜିତ ବିମାନରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। କୋଭିଡ୍ ନିୟମ ମାନି ଗ୍ରାମବାସୀ ଯାତ୍ରା ପାଳନ କରିଥିଲେ। ଦୋଳ ମଣ୍ଡପରେ ଠାକୁରଙ୍କ ବିମାନ ପହଞ୍ଚିବା ପରେ ବିଧିପୂର୍ବକ ସେଠାରେ ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲଉଡି ଦଳ ସେଠାରେ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ। ଯାତ୍ରା କମିଟି ସଭପତି ପ୍ରମୋଦ ସାହୁ, ସମ୍ପାଦକ ଶ୍ରୀମନ୍ତ ସାହୁ, ବାବାଜୀ ଦେହୁରୀ, ସନ୍ତୋଷ ସାହୁ, ତ୍ରିନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସମନ୍ୱୟ ରଖି ସମ୍ପ୍ରସାରଣ କର

**ଜାତୀୟ ରାଜପଥ ସମୀକ୍ଷା ବୈଠକ**

**ଅନୁଗୋଳ ଅଫିସ,୨।୪**

ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ ଏବଂ ୧୪୯ ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ ସମ୍ପର୍କିତ ସମୀକ୍ଷା ବୈଠକ ଶୁକ୍ରବାର ସର୍କିଟ ହାଉସ୍ ସମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ମାର୍ଗଦର୍ଶନରେ ଏହି ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ପରସ୍ପର ମଧ୍ୟରେ ସମନ୍ୱୟ ରଖି ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କଲେ ଜିଲାବାସୀ ଏହାର ସୁଫଳ ଶୀଘ୍ର ପାଇପାରିବେ ବୋଲି ପ୍ରକାଶ କରିଥିଲେ। ବଅଁରପାଳ ଠାରୁ ବହ୍ଲର ଏବଂ ଗୋଡିବନ୍ଧ ପର୍ଯ୍ୟନ୍ତ ୪ ଲେନ୍, ଅନୁଗୋଳରୁ ସମ୍ବଲପୁର ପର୍ଯ୍ୟନ୍ତ ରାଜପଥ ସମ୍ପ୍ରସାରଣ ଏବଂ ଅନୁଗୋଳ ବାଇପାସ୍ କାର୍ଯ୍ୟରେ ଉପୁଜୁଥିବା ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଅନୁଗୋଳ ବିଧାୟକ ପରାମର୍ଶ ଦେଇଥିଲେ। ୭ ଦିନ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଏବଂ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ସମନ୍ୱୟ ବୈଠକ କରାଯିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ବଅଁରପାଳରୁ ତାଳଚେର ମଧ୍ୟରେ ଜାତୀୟ ରାଜପଥ ସମ୍ପ୍ରସାରଣ ଓ ଓଭରବ୍ରିଜ୍ ନିର୍ମାଣ କରାଯିବ। ତାଳଚେରରୁ ବଅଁରପାଳ ଅଭିମୁଖେ ଆସୁଥିବା ଯାନବାହନ ଓଭରବ୍ରିଜ ତଳେ ଯାତାୟାତ କରିବେ ଏବଂ କଟକରୁ ତାଳଚେର ଆସୁଥିବା ଯାନବାହନ ଓଭରବ୍ରିଜ ଦେଇ ତାଳଚେରରେ ପହଞ୍ଚିବ। ଅନୁଗୋଳ ବାଇପାସ୍ ଜମି ଅଧିଗ୍ରହଣ ବାବଦରେ ନୂଆହତା, ଶରଧାପୁର, କାଙ୍ଗୁଲା, ଖମାର ଓ ଚନ୍ଦ୍ରବାହାଳ ଗ୍ରାମର ଜମି ପ୍ରଦାନକାରୀଙ୍କୁ ଅନୁକମ୍ପା ରାଶି ଯଥାଶୀଘ୍ର ପ୍ରଦାନ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବିଭାଗୀୟ ଅଧିକାରୀ ମନିଷା ଗୁପ୍ତ ବୈଠକରେ ସୂଚନା ଦେଇଥିଲେ। ଅନୁଗୋଳ ସଦର ମହକୁମା ଦେଇ ଯାଇଥିବା ଜାତୀୟ ରାଜପଥର ସମ୍ପ୍ରସାରଣ ଓ ଆଧୁନିକୀକରଣ କରାଯିବ। ସେହିପରି ୧୪୯ ନଂ. ଜାତୀୟ ରାଜପଥର ବଅଁରପାଳ ଠାରୁ ଗୋଡିବନ୍ଧ ପର୍ଯ୍ୟନ୍ତ ୧୭.୭୫ କିଲୋମିଟର ରାସ୍ତା ୪ ଲେନ୍ ହେବ। ଏଥିପାଇଁ ଜମି ଅଧିଗ୍ରହଣ ଆରମ୍ଭ ହୋଇସାରିଛି ବୋଲି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ସମସ୍ତ ଉପଜିଲାପାଳ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷର ସ୍ଥାନୀୟ ଟିମ୍ ହେଡ୍ ଅନୁପ ପାଣିଗ୍ରାହୀ, ପ୍ରକଳ୍ପ ନିର୍ଦ୍ଦେଶକ ଏ. ଶ୍ରୀନିବାସ ରାଓ ଏବଂ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ବିଧାୟକଙ୍କ ସହ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି



ବାଜି ରାଉତ ଛାତ୍ରାବାସ ଶାନ୍ତି କୁଟୀରରେ ଓଡ଼ିଶା ଦିବସ ପାଳନ କରାଯାଉଛି।

**ଅନୁଗୋଳ ଅଫିସ, ୨।୪**

ଅନୁଗୋଳ ସହରସ୍ଥିତ ବାଜି ରାଉତ ଛାତ୍ରାବାସ ଶାନ୍ତି କୁଟୀରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଛାତ୍ରାବାସ ସଭାପତି କୃଷ୍ଣା ମହାନ୍ତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ଅନୁଗୋଳ ଜିଲା ସମ୍ପାଦକ ଧନେଶ୍ୱର ସାହୁ ଏବଂ କୋଷାଧ୍ୟକ୍ଷ ଶ୍ରୀକାନ୍ତ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଲିପିକା ମହାପାତ୍ରଙ୍କ ସଂଯୋଜନାରେ ଛାତ୍ରାବାସ ଅନ୍ତେବାସୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମୁଖ୍ୟ ବିନ୍ଧାଣୀ ମଧୁବାବୁ, ଗୋପବନ୍ଧୁ, ପାରଳା ମହାରାଜା, ବ୍ୟାସକବି ଫକିର ମୋହନ ପ୍ରମୁଖଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ସାହୁ, ପ୍ରସନ୍ନ କୁମାର ଦାସ, ସରସ୍ୱତୀ ସ୍ୱାଇଁ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ନାରାୟଣ ମିଶ୍ର, ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀକାନ୍ତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଛାତ୍ରୀନିବାସ କ୍ୟାମ୍ପସ ପରିସରରେ ନିଆଁ



**ଢେଙ୍କାନାଳ ଅଫିସ, ୨।୪:** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର 'ଉପାସନା ଛାତ୍ରୀ ନିବାସ' ପରିସରରେ ଶୁକ୍ରବାର ଅପରାହ୍ନ ୧ଟାରେ ହଠାତ୍ ନିଆଁ ଲାଗିଯାଇଥିଲା। କ୍ୟାମ୍ପସ ପରିସରରେ ଥିବା ଶାଳ, ଶାଗୁଆନ ଗଛ ସମେତ ଝଡ଼ି ପଡ଼ିଥିବା ପତ୍ରରେ ନିଆଁ ବ୍ୟାପୀ ଯାଇଥିଲା। ଫଳରେ ଅନ୍ତେବାସୀ ଆତଙ୍କିତ ହୋଇପଡ଼ିଥିଲେ। ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇ ତହସିଲଦାର ଲକ୍ଷ୍ମୀଧର ରାଉତ, ଅଗ୍ନିଶମ ସେବା ଦଳ, ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଘଟଣାରେ ଛାତ୍ରୀନିବାସର କୌଣସି କ୍ଷତି ହୋଇନାହିଁ। ଅନ୍ତେବାସୀ ସୁରକ୍ଷିତ ଥିବା ତହସିଲଦାର ସୂଚନା ଦେଇଛନ୍ତି।

### ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ନୂତନ କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ, ୨।୪:** ଢେଙ୍କାନାଳ କାଠଗଡ଼ାସ୍ଥିତ ଗାନ୍ଧୀ ଅଧ୍ୟୟନ ଓ ସମାଜ ବିକାଶ କେନ୍ଦ୍ରର ସାଧାରଣ ବୈଠକ ଏବଂ କର୍ମକର୍ତ୍ତା ଚୟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ସମ୍ପାଦକ ପ୍ରଶାନ୍ତ ମିଶ୍ରଙ୍କ ବିୟୋଗ ପରେ ଏହା ଥିଲା ପ୍ରଥମ ବୈଠକ। ଏଥିରେ ପ୍ରଫେସର ଡ. ଧନେଶ୍ୱର ସାହୁ, ଢେଙ୍କାନାଳ ସର୍ବୋଦୟ ମଣ୍ଡଳର ସଭାପତି ପ୍ରଦୀପ ସାହୁ, ୟୁସୁଫ୍ ମେହେରଲି କେନ୍ଦ୍ରର ସଂଯୋଜକ କଲ୍ୟାଣ ଆନନ୍ଦ, ଅନ୍ତର୍ଯ୍ୟାମୀ ବରାଳ ଏବଂ ବନିତା ସାମଲ ପ୍ରମୁଖ ଯୋଗଦେଇଥିଲେ। ଗାନ୍ଧୀ ବିଚାର ଏବଂ ଆଦର୍ଶକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଫେସର ଡ. ଭବାନୀ ଶଙ୍କର ମିଶ୍ର, ଉପସଭାପତି ଗିରିଜା ନାଏକ, କାର୍ଯ୍ୟକାରୀ ସଭାପତି ସରୋଜ ଶତପଥୀ, ସାଧାରଣ ସମ୍ପାଦକ ଅରବିନ୍ଦ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ଶିଶିର ଶତପଥୀ, ସହସମ୍ପାଦକ ସୁଦୀପ୍ତ ରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ପୁଷ୍ପାଞ୍ଜଳି ଜେନା ମନୋନୀତ ହୋଇଛନ୍ତି।

### ଅସହାୟ ରୋଗୀଙ୍କୁ ସହାୟତା



**ଢେଙ୍କାନାଳ ଅଫିସ, ୨।୪:** ଢେଙ୍କାନାଳ ଜିଲା ଓଡ଼ାପଡା ବ୍ଲକ ବଳରାମପୁର ଗ୍ରାମର ରୋଗଗ୍ରସ୍ତ ଯୁବକ ଗୁରୁବାରୀ ନାୟକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବରଜଙ୍ଗ କ୍ଲବର ସଦସ୍ୟମାନେ। ସମ୍ପୃକ୍ତ ଯୁବକ ଅଗ୍ନ୍ୟାଶୟ ସଂକ୍ରମଣରେ ପୀଡିତ ଥିଲେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଚିକିତ୍ସା କରାଇପାରୁ ନ ଥିଲେ। ସୂଚନା ପାଇ ବଜରଙ୍ଗ କ୍ଲବର ସଦସ୍ୟ ଏକ ଆମ୍ବୁଲାନ୍ସରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଇଥିଲେ। ଗୁରୁବାର ଯୁବକ ଜଣକ ସୁସ୍ଥ ହୋଇ ଗ୍ରାମକୁ ଫେରିଛନ୍ତି। କ୍ଲବର ସଦସ୍ୟ ଅନିଶ ରଥ, ଆକର୍ଷଣ ସିହ୍ନା, ସନ୍ଦୀପ ହିଣ୍ଡୋଚା, ରାଜେଶ ସୋନି ପ୍ରମୁଖ ସହଯୋଗ କରିଥିଲେ।

### ପଞ୍ଚଦୋଳରେ ଆଧାତ୍ମିକ ବାତାବରଣ

**ପରଜଙ୍ଗ, ୨।୪ (ଡି.ଏନ.ଏ.):** ପରଜଙ୍ଗ ବ୍ଲକର ରୋଡ୍, କୁଆଳୋ ଏବଂ ବସୁଲେଇରେ ପ୍ରସିଦ୍ଧ ପଞ୍ଚଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ପୂଜା କମିଟି କର୍ମକର୍ତ୍ତାମାନେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ବିମାନରେ ମେଳଣ ପଡ଼ିଆକୁ ଆଣିଥିଲେ। ବାଜାବାଣ, ରୋଶଣି, ଘଣ୍ଟବାଦ୍ୟ, ଲଉଡ଼ିବାଡ଼ି ଏବଂ ଅବିର ଖେଳ ପ୍ରମୁଖ ଆକର୍ଷଣ ସାଜିଥିଲା। ମହୋତ୍ସବ ଦେଖିବାକୁ ପାଖଆଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ନାଟ କରିବେନି ଦଣ୍ଡ କଳାକାର

- କୋଭିଡ୍ ପାଇଁ ପ୍ରଶାସନ ଲଗାଇଲା ରୋକ୍
- କେବଳ ନୀତିକାନ୍ତିରେ ହେବ ଦଣ୍ଡଯାତ୍ରା
- ଆଠମଲ୍ଲିକରେ ନାହିଁ ଉତ୍ସାହ




**ଆଠମଲ୍ଲିକ,୨।୪(ଡି.ଏନ.ଏ.)**

ଆଠମଲ୍ଲିକ ଅଞ୍ଚଳରେ ଗଡ଼ଜାତ ଅମଳରୁ ଚାଲିଆସିଥିବା ବହୁ ପୁରାତନ ଲୋକନୃତ୍ୟ ଦଣ୍ଡ ନାଟ ଚଳିତବର୍ଷ କୋଭିଡ୍ କଟକଣା ପାଇଁ ହେବନାହିଁ। ସରକାର ଏହି ପାରମ୍ପରିକ ନାଟ ଉପରେ ରୋକ୍ ଲଗାଇଛନ୍ତି। ତେବେ କେବଳ ପରମ୍ପରା ଅନୁସାରେ ଦଣ୍ଡନାଟ ନୀତିକାନ୍ତିରେ ହିଁ ସୀମିତ ରହିବ ବୋଲି ପ୍ରଶାସନ ସ୍ପଷ୍ଟ କରିଛି।

ଆଠମଲ୍ଲିକର ଦଣ୍ଡ ନାଟ ରାଜ୍ୟ ତଥା ଜାତୀୟସ୍ତରରେ ବେଶ୍ ଖ୍ୟାତି ଅର୍ଜନ କରିଛି। ଚୈତ୍ର ମାସ ପଣା ସଂକ୍ରାନ୍ତିର ୭, ୧୩, ୧୭ କିମ୍ବା ୨୧ ଦିନ ପୂର୍ବରୁ ଦଣ୍ଡ ଉଠିବାର ପରମ୍ପରା ରହିଛି। ଏହା ମେରୁ ସଂକ୍ରାନ୍ତିରେ ଉଦ୍‌ଯାପିତ ହୁଏ। ଏହିଦିନ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। ଦଣ୍ଡନାଟରେ ଭାଗ ନେଇଥିବା ବାଦ୍ୟକାରମାନେ ଅର୍ଥ ଉପାର୍ଜନ କରିଥାନ୍ତି। ଏହି ସମୟରେ ଧୂଳି ଦଣ୍ଡ, ପାଣି ଦଣ୍ଡ ଓ ରାତ୍ର ଦଣ୍ଡରେ ଭାଗ ନେଇଥିବା କଳାକାରମାନେ ୧୬ ପ୍ରକାର ଦଣ୍ଡ ପ୍ରଦର୍ଶନ କରିଥାନ୍ତି। ଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ଆଠମଲ୍ଲିକର କଳାକାର ଏହି ନାଟ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିଛନ୍ତି। ପତରସହୁରା ନୃତ୍ୟ ଦିଲ୍ଲୀରେ ପ୍ରଦର୍ଶିତ ହୋଇ ପୁରସ୍କୃତ ହୋଇପାରିଛି। ଆଠମଲ୍ଲିକ ସହରର ସର୍ବପୁରାତନ ଦଣ୍ଡ ନାଟ ଦଳ ଗଡୁଆ ଦଣ୍ଡ, ଗୁଗୁଡ଼ି ସାହି, ନୂଆ ସାହି, ବାବା ଭୁବନେଶ୍ୱର ଦଣ୍ଡ, ହରିଡ଼ାକୋଠା, ବାବା ଧବଳେଶ୍ୱର, ଲିପିଲୋଇ, ମା' ଗୁଦ୍ରଭବାନୀ, କୁଟେଶ୍ୱର, ବାବା ବଞ୍ଚେଶ୍ୱର, ଅଏଡ଼ା, ବାବା କପିଳେଶ୍ୱର, ଝରାପଡା, ଜାଗେଶ୍ୱର ବାବା, ବୁରଘାଟ, ବାବା ସଦ୍ଦେଶ୍ୱର, ଓଡ଼ସିଙ୍ଗା, ଟାଇଁସର, ଲୁଣହାଣ୍ଡି, ଘୋଡ଼ାଗାଡ଼ି, ମହେନ୍ଦ୍ରପୁର, କମ୍ପଲା, ଢୁଢୁମ, ଟୁସର, ନଗାଁ, ମିଣ୍ଡୋଲ, ଗାଁ ବଇଣ୍ଡା, ଗୁଣ୍ଡରୀ, ପାଇକସାହି, କସ୍ତୁରୀବାହାଲ, ଅଙ୍ଗପଡା, ଧଉରାଗୋଠ ଆଦି ଦଣ୍ଡ ନୃତ୍ୟ ଦଳ ରହିଛି । ମାତ୍ର ଚଳିତବର୍ଷ କୋଭିଡ୍ କଟକଣା ଏସବୁ ଦଣ୍ଡ ନାଟ ଦଳକୁ ନିରାଶ କରିଛି। ଇତିମଧ୍ୟରେ ବହୁ ଯାତ୍ରା ଦଳ ସ୍ଥାନୀୟ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କୁ ଖାଲି ହାତରେ ଫେରିବାକୁ ପଡ଼ିଛି।

#### ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ



"ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଦଣ୍ଡ ନାଟ ପ୍ରଦର୍ଶନ ବନ୍ଦ କରାଯାଇଛି। ମାତ୍ର କୋଭିଡ୍ ନିୟମ ମଧ୍ୟରେ ପରମ୍ପରା ଅନୁଯାୟୀ ଦଣ୍ଡ ନାଟ ଦଳ ପୂଜାର୍ଚ୍ଚନା କରିପାରିବେ। ଦଣ୍ଡ ଦଳ ଅପରାହ୍ନ, ସନ୍ଧ୍ୟା ଓ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିପାରିବେ ନାହିଁ।

-ଲଳିତ ମୋହନ ବେହେରା, ଉପଜିଲାପାଳ

#### ପରମ୍ପରା ଭଙ୍ଗ ହେବ



"ପ୍ରତିବର୍ଷ ଗାଁ ଗାଁ ବୁଲି ଦଣ୍ଡକଳା ପ୍ରଦର୍ଶନ କରୁ। ଆମ ସହିତ ଥିବା ବାଦ୍ୟକାରମାନେ ପାରିଶ୍ରମିକ ପାଆନ୍ତି। ଚଳିତବର୍ଷ ଏହା ଉପରେ ରୋକ୍ ଲଗାଯିବା ଦ୍ୱାରା ଦଣ୍ଡ ସଂସ୍କୃତି ପରମ୍ପରା ଭଙ୍ଗ ହେଉଛି । ୫୦ରୁ ୬୦ ଜଣଙ୍କୁ ନେଇ ଦଣ୍ଡ ଯାତ୍ରା ପାଇଁ ମଧ ଅନୁମତି ମିଳୁନି।

-ଖେତ୍ରୁ ସାହୁ, ଦଣ୍ଡ କଳାକାର

#### କଳାକାର ନିରାଶ ହେଲେ



"ଦଣ୍ଡ ଯାତ୍ରା ସମାଜରେ ଭାଇଚାରା ବଢ଼ାଇଥାଏ। ଭକ୍ତି ଭାବ ସୃଷ୍ଟି କରିଥାଏ। କୋଭିଡ୍ କଟକଣା ମଧ୍ୟରେ ନାଟ କରିବାକୁ ଅନୁମତି ମିଳିଥିଲେ ଭଲ ହୋଇଥାନ୍ତା। କିନ୍ତୁ ପ୍ରଶାସନ ସହମତ ହୋଇ ନ ଥିବାରୁ କଳାକାରମାନେ ନରାଶ ହୋଇଛନ୍ତି।

-ପଞ୍ଚାନନ ଗାଇଗରିଆ
ଦଣ୍ଡନାଟ ନିର୍ଦ୍ଦେଶକ

#### ପ୍ରତିଭାକୁ କ୍ଷତି ପହଞ୍ଚାଇବ



"ଦଣ୍ଡଯାତ୍ରା ବନ୍ଦ ଲୋକଙ୍କ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବ। ସରକାରଙ୍କ ନିୟମ ଅନୁଯାୟୀ ଯାତ୍ରା କରିବାକୁ କଳାକାରମାନେ ପ୍ରସ୍ତୁତ ଅଛନ୍ତି। କିନ୍ତୁ ପ୍ରଶାସନ ବୁଝୁ ନ ଥିବାରୁ ନୂଆ ପ୍ରତିଭା କ୍ଷତିଗ୍ରସ୍ତ ହେବେ। ସେଥିପାଇଁ ଦୁଃଖ ଲାଗୁଛି।

-ପ୍ରମୋଦ କୁମାର ବିଶି,
ଝରାପଡ଼ା ଦଣ୍ଡ ଦଳ ମୁଖ୍ୟ

# 'ରାଷ୍ଟ୍ର ଗଠନରେ ଛାତ୍ର ସମାଜର ଗୁରୁଦାୟିତ୍ୱ ରହିଛି'

**ସାତମାଇଲ, ୨।୪(ଡି.ଏନ.ଏ.)**

### ପଞ୍ଚିତିଓ ହାଇସ୍କୁଲରେ ମୁକ୍ତାକାଶ ମଞ୍ଚ ଉଦ୍‌ଘାଟିତ

ହିନ୍ଦୋଳ ବ୍ଲକ ଚିତ୍ତଳପୁର ପଞ୍ଚାୟତସ୍ଥିତ ପଞ୍ଚିତିଓ ଉଚ୍ଚ ବିଦ୍ୟାଳୟରେ 'ମୋ ସ୍କୁଲ ଅଭିଯାନ' ଆନୁକୂଲ୍ୟରେ ଏକ ମୁକ୍ତାକାଶ ମଞ୍ଚ ଉଦ୍‌ଘାଟିତ ହୋଇଯାଇଛି। ଅଭିଯାନର ସଭାପତି ଜିତେନ ପତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟିକା ସୀମାରାଣୀ ନାୟକ, ମୁଖ୍ୟବକ୍ତା ବିଡିଓ କ୍ଷୀରାବ୍ଧିତନୟା ସାହୁ, ସମ୍ମାନିତ ଅତିଥି ସରପଞ୍ଚ ନନ୍ଦିନୀ ଚାନ୍ଦ, ସ୍କୁଲ ପରିଚାଳନା କମିଟି ସଭାପତି ଦଣ୍ଡଧର ପତି, ପ୍ରଧାନ ଶିକ୍ଷକ ଦିବାକର ପାଳ ପ୍ରମୁଖ ଉପସ୍ଥିତ ଥିଲେ। ସମୃଦ୍ଧ ରାଷ୍ଟ୍ର ଗଠନରେ ଛାତ୍ର ସମାଜର ଅନେକ ଗୁରୁଦାୟିତ୍ୱ ରହିଛି। ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଉଦାହରଣ ସୃଷ୍ଟି କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ମୁକ୍ତାକାଶ ମଞ୍ଚ ଦ୍ୱାରା ସ୍କୁଲର ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ କଳାର ବିକାଶ ହେବ। ଆଗାମୀ ଦିନରେ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷକ କୁମୁଦ ପାଣିଗ୍ରାହୀ ଏବଂ ଛାତ୍ରୀଙ୍କ ଦ୍ୱାରା ସାମୂହିକ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏଥିସହ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ପୂର୍ବତନ ଶିକ୍ଷକ ଏବଂ ମୋ ସ୍କୁଲ ଅଭିଯାନର ଶୁଭେଚ୍ଛୁବୃନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। କଟକ ମେଡିକାଲ କଲେଜର ସହକାରୀ ପ୍ରଫେସର ଡା. ରବିନାରାୟଣ ପଣ୍ଡା ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତିବର୍ଷ ୬ ବିଭାଗରେ ପୁରସ୍କାର ଦେବାକୁ ଘୋଷଣା କରିଥିଲେ। ଡା. ସୁଧାକର ପାଳ, ପ୍ରଭଞ୍ଜନ ପାଣିଗ୍ରାହୀ, ପ୍ରଶାନ୍ତ ପାଣିଗ୍ରାହୀ, ଆଶିଷ ପାଣିଗ୍ରାହୀ, ସତ୍ୟପ୍ରକାଶ ପାଣିଗ୍ରାହୀ, ଆଶୁତୋଷ ପାଣିଗ୍ରାହୀ, ଚିରଞ୍ଜୀବୀ ପତି, ଚକ୍ରଧର ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ମୁଖ୍ୟଅତିଥି ଅଭିଯାନର ଜଣେ ସଦସ୍ୟଙ୍କୁ ସମ୍ମାନିତ କରୁଛନ୍ତି।

# କଲେଜ ଅଧ୍ୟକ୍ଷଙ୍କୁ ଅବସର ସମ୍ବର୍ଦ୍ଧନା

**ସାତମାଇଲ, ୨।୪(ଡି.ଏନ.ଏ.)**

ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶଶଧର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଅଶୋକ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ଜୟନ୍ତନାରାୟଣ ପତି, ଅଧ୍ୟାପକ ବିମଳ ପ୍ରଧାନ, ସୁକାନ୍ତ ପତି, ମୁରଲୀ ଜେନାମଣି, ନିର୍ମଳ ପାଣିଗ୍ରାହୀ, ଅକ୍ଷୟ ପାତ୍ର, ମମତା ପାଳ ପ୍ରମୁଖ ଯୋଗଦେଇ ବିଦାୟୀ ଅଧ୍ୟକ୍ଷଙ୍କ ସୁଖମୟ ଜୀବନ କାମନା କରିଥିଲେ।

# ୧୦୩ ୟୁନିଟ ରକ୍ତ ସଂଗ୍ରହ



ରକ୍ତଦାତାମାନେ ରକ୍ତଦାନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨।୪**

ହିନ୍ଦୋଳ ବ୍ଲକ ବାବନ୍ଧ ଗ୍ରାମସ୍ଥିତ ପ୍ରଗତି ସ୍ପୋର୍ଟସ୍ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଡିଓ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର ସୁଶାନ୍ତ ମିଶ୍ର, ସରପଞ୍ଚ ମୀନାକ୍ଷୀ ସାମଲ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ମୋଟ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ରକ୍ତଭଣ୍ଡାର, ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ। ଛବିରାଜ ବିଶ୍ୱାଳ, ରାଜକିଶୋର ସାହୁ, ସୁକାନ୍ତ ମାଝି, ସୁକାନ୍ତ ସାହୁ, ହେମନ୍ତ ସାହୁ, ରସାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି ରଜତ ବେହେରା, ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ, ଗୋପୀନାଥ ବେହେରା, ପ୍ରଶାନ୍ତ ସାହୁ, ନିର୍ମଳ ବିଶ୍ୱାଳ, ରଣଜିତ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଭାଷାଭିତ୍ତିକ ରାଜ୍ୟ ଆମ ପାଇଁ ଗୌରବ

**ଢେଙ୍କାନାଳ ଅଫିସ/ ହିନ୍ଦୋଳ(ଡି.ଏନ୍.ଏ.), ୨।୪**

ଢେଙ୍କାନାଳ ଜିଲା ସକ୍ରିୟ ନାଗରିକ ପରିଷଦର କାର୍ଯ୍ୟାଳୟରେ ଗୁରୁବାର ସନ୍ଧ୍ୟାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀତାଂଶୁ ଶେଖର ଦାସ ଯୋଗଦେଇ କହିଲେ, ଭାଷାଭିତ୍ତିରେ ରାଜ୍ୟ ଗଠନ ହେବାରେ ଓଡ଼ିଶା ଦେଶରେ ପ୍ରଥମ। ଏହା ପ୍ରତି ଓଡ଼ିଆଙ୍କ ପାଇଁ ଗୌରବର ବିଷୟ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ସଂସ୍କୃତି ଅଧିକାରୀ ଶୁକ୍ଲୁ ସ୍ୱାଇଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁ, ଉତ୍କଳମଣି, ଫକୀରମୋହନ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନକୁ ସ୍ମରଣ କରିଥିଲେ। ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ଜିଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସ, ଓୟୁଜେ ଜିଲା ସଭାପତି ଶିଶିର ଶତପଥୀ, ପରିଷଦର ସାଧାରଣ ସମ୍ପାଦକ ରାଜୀବ ଲୋଚନ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳ ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟର ନାମ ଫଳକକୁ ଓଡ଼ିଆ ଭାଷାରେ ଲେଖିବା ଲାଗି ମତ ପ୍ରକାଶ ପାଇଥିଲା। ଶ୍ୟାମସୁନ୍ଦର ରଣା, ଆର୍ଯ୍ୟେନ୍ଦୁ ଜେନା, ଅଥୟ ସାହୁ, ପଦ୍ମଲୋଚନ ମହାପାତ୍ର, ମଳୟ ପାଣିଗ୍ରାହୀ, ବିପ୍ରବର ସାହୁ, ଅଖିଳ ମହାପାତ୍ର, କୃଷ୍ଣଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହିନ୍ଦୋଳରେ କୋଭିଡ୍ କଟକଣା ମଧ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ଉଦୟ ମହାପାତ୍ର, ତହସିଲଦାର ସୁଶାନ୍ତ କୁମାର ମିଶ୍ର, ବିଡିଓ କ୍ଷୀରାବ୍ଧିତନୟା ସାହୁ, ସହକାରୀ ଜିଲାପାଳ ଗଜାନନ ପ୍ରଧାନ ପ୍ରମୁଖ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ଢେଙ୍କାନାଳ ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଳୋ ଅଞ୍ଚଳର ପ୍ରସିଦ୍ଧ ପଞ୍ଚଦୋଳ ମେଳଣରେ ସାମିଲ ହୋଇଥିବା କମିଟିର କର୍ମକର୍ତ୍ତାମାନେ।



ଢେଙ୍କାନାଳ ଜିଲା ବନ ବିଭାଗ ଦ୍ୱାରା କପିଳାସ ଅଭୟାରଣ୍ୟରେ ଖଞ୍ଜାଯାଇଥିବା ଟ୍ରାପ୍ କ୍ୟାମେରାରେ କଏଦ ହୋଇଥିବା ଏକ ଦନ୍ତାହାତୀ।

